# NATIONAL NEWS BULLETIN (ODIA)

## 01st December - 2024

## Evening Bulletin : 7.15 p.m.

*********************************

ଆକାଶବାଣୀ..... ସମ୍ବାଦ ପଢ଼ୁଛନ୍ତି..... **ଶୁଚିସ୍ମିତା ସାହୁ**

## ମୁଖ୍ୟ ସମ୍ବାଦ

- ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବିଭିନ୍ନ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକର ସୁରକ୍ଷା ପ୍ରସଙ୍ଗ ନେଇ ସର୍ବଭାରତୀୟ ପୁଲିସ ମହାନିର୍ଦ୍ଦେଶକଙ୍କ ସମ୍ମିଳନୀରେ କଲେ ଆଲୋଚନା ।

— ତିନିଦିନିଆ ଓଡ଼ିଶା ଗସ୍ତ ଶେଷକରି ଆଜି ସନ୍ଧ୍ୟାରେ କଲେ ଦିଲ୍ଲୀ ପ୍ରତ୍ୟାବର୍ତ୍ତନ ।

- ମହାରାଷ୍ଟ୍ରରେ ବି.ଜେ.ପି. ମୁଖ୍ୟମନ୍ତ୍ରୀ ପ୍ରାର୍ଥୀଙ୍କୁ ଶିବସେନା ମୁଖ୍ୟ ଏକନାଥ ସିନ୍ଦେ ଜଣାଇଲେ ସମର୍ଥନ ।
- ବିଶ୍ୱ ଏଡ୍‌ସ ଦିବସ ଅବସରରେ ଏଚ୍.ଆଇ.ଭି. ସଂକ୍ରମିତ ଲୋକଙ୍କ ପ୍ରତି ସମ୍ବେଦନଶୀଳ ହେବାପାଇଁ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ନିବେଦନ ।
- ଆଇ.ସି.ସି.ର ଅଧ୍ୟକ୍ଷ ଭାବେ ଜୟ ଶାହାଙ୍କ ଦାୟିତ୍ୱ ଗ୍ରହଣ ।

ଏବଂ

- ସୟଦ ମୋଦି ଅନ୍ତର୍ଜାତୀୟ ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟରେ ଭାରତର ଖେଳାଳି ପି.ଭି. ସିନ୍ଧୁ ଏବଂ ଲକ୍ଷ୍ୟ ସେନ୍ ସିଙ୍ଗଲ ଟାଇଟଲ୍ ବିଜୟୀ ।

## ପି.ଏମ୍. - ଭୁବନେଶ୍ୱର

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି ଭୁବନେଶ୍ୱରଠାରେ ଚାଲିଥିବା ସର୍ବଭାରତୀୟ ପୁଲିସ ମହାନିର୍ଦ୍ଦେଶକଙ୍କ ସମ୍ମିଳନୀର ଅନ୍ତିମ ଦିନରେ ବିଭିନ୍ନ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକର ସୁରକ୍ଷା ପ୍ରସଙ୍ଗ ନେଇ ଆଲୋଚନା କରିଛନ୍ତି । ସମ୍ମିଳନୀରେ ମୁଖ୍ୟତଃ ସାଇବର ଅପରାଧ, ତଟରକ୍ଷୀ ସୁରକ୍ଷା ଏବଂ ମାଓବାଦୀ ସମସ୍ୟା ଉପରେ ଆଲୋଚନା ହୋଇଥିଲା । ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା, ସ୍ୱରାଷ୍ଟ୍ର ସଚିବ ଗୋବିନ୍ଦ ମୋହନ, ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲ୍ ପ୍ରମୁଖ ସମ୍ମିଳନୀରେ ଅଂଶଗ୍ରହଣ କରିଥିଲେ । ଆଧୁନିକ ପ୍ରଯୁକ୍ତିବିଦ୍ୟା, କୃତ୍ରିମ ବୁଦ୍ଧିମତ୍ତା ଏବଂ ଡ୍ରୋନ୍ ମାଧ୍ୟମରେ ଜାତୀୟ ସୁରକ୍ଷା ସମ୍ପର୍କିତ ଆହ୍ୱାନଗୁଡ଼ିକର ମୁକାବିଲା କରିବାପାଇଁ ଆଲୋଚନା କରାଯିବା ସହ ବରିଷ୍ଠ ପୁଲିସ୍ ଅଧିକାରୀ ଏବଂ ବିଭିନ୍ନ ସୁରକ୍ଷା ଏଜେନ୍ସିର ମୁଖ୍ୟଙ୍କ ସହ ଆତଙ୍କବାଦ ନିରୋଧୀ ରଣନୀତି ଉପରେ ଗୁରୁତ୍ୱ ପ୍ରଦାନ କରାଯାଇଥିଲା । ପୁଲିସ୍ କର୍ମକର୍ତ୍ତା କାର୍ଯ୍ୟକ୍ଷେତ୍ରରେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା ଏବଂ ବେଆଇନ ନିଶା କାରବାର ରୋକିବା ଲାଗି ପଦକ୍ଷେପ ସମ୍ପର୍କରେ ଆଲୋଚନା ହୋଇଥିଲା । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି

ତିନିଦିନିଆ ଓଡ଼ିଶା ଗସ୍ତ କରି ଆଜି ସନ୍ଧ୍ୟାରେ ଦିଲ୍ଲୀ ପ୍ରତ୍ୟାବର୍ତ୍ତନ କରିଛନ୍ତି । ଭୁବନେଶ୍ୱର ଅନ୍ତର୍ଜାତୀୟ ବିମାନ ବନ୍ଦରରେ ରାଜ୍ୟପାଳ ରଘୁବର ଦାସ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ବିଦାୟକାଳୀନ ଶୁଭେଚ୍ଛା ଜଣାଇଥିଲେ ।

## ମହା - ସିନ୍ଦେ

ମହାରାଷ୍ଟ୍ରର ନବନିର୍ବାଚିତ ମହାୟୁତି ମେଣ୍ଟ ଆସନ୍ତା ୫ ତାରିଖରେ ଶପଥ ଗ୍ରହଣ କରିବ। ମହାରାଷ୍ଟ୍ରର କାର୍ଯ୍ୟକାରୀ ମୁଖ୍ୟମନ୍ତ୍ରୀ ତଥା ଶିବସେନା ମୁଖ୍ୟ ଏକନାଥ ସିନ୍ଦେ କହିଛନ୍ତି, ମହାରାଷ୍ଟ୍ର ବି.ଜେ.ପି. ମୁଖ୍ୟମନ୍ତ୍ରୀ ପ୍ରାର୍ଥୀଙ୍କୁ ତାଙ୍କ ଦଳ ନିଃସର୍ତ୍ତ ସମର୍ଥନ ଯୋଗାଇ ଦେବ । ରାଜ୍ୟରେ ବି.ଜେ.ପି. ନେତୃତ୍ୱାଧୀନ ମହାୟୁତି ମେଣ୍ଟକୁ ମହାରାଷ୍ଟ୍ରବାସୀ ବିପୁଳ ସଂଖ୍ୟାରେ ସମର୍ଥନ ଦେଇଛନ୍ତି । ମୁମ୍ବାଇକୁ ଫେରିବା ପୂର୍ବରୁ ସତାରା'ଠାରେ ଶ୍ରୀ ସିନ୍ଦେ ସାମ୍ବାଦିକମାନଙ୍କୁ କହିଛନ୍ତି, ମହାୟୁତି ନେତାମାନଙ୍କ ମଧ୍ୟରେ ଏକତା ରହିଛି । ଆସନ୍ତାକାଲି ସୁଦ୍ଧା ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ସ୍ଥିର କରାଯିବ ବୋଲି ଶ୍ରୀ ସିନ୍ଦେ ସୂଚନା ଦେଇଛନ୍ତି ।

ସୂଚନାଯୋଗ୍ୟ, ବି.ଜେ.ପି., ଏକନାଥ ସିନ୍ଦେଙ୍କ ନେତୃତ୍ୱାଧୀନ ଶିବସେନା ଏବଂ ଅଜିତ୍ ପାୱାର୍‌ଙ୍କ ଏନ୍.ସି.ପି.କୁ ନେଇ ଗଠିତ ମହାୟୁତି ମେଣ୍ଟ ୨୮୮ ଆସନରୁ ୨୩୦ ଆସନରେ ବିଜୟୀ ହୋଇ ସଂଖ୍ୟାଗରିଷ୍ଠତା ହାସଲ କରିଛି । ବି.ଜେ.ପି. ୧୩୨ଟି ଆସନ ସହ ନିର୍ବାଚନରେ ଏକକ

ବୃହତ୍ତମ ଦଳ ହୋଇଛି । ଏକନାଥ ସିନ୍ଦେଙ୍କ ନେତୃତ୍ୱାଧୀନ ଶିବସେନା ୫୭ଟି ଏବଂ ଅଜିତ୍ ପାୱାରଙ୍କ ନେତୃତ୍ୱାଧୀନ ଏନ୍.ସି.ପି. ୪୧ଟି ଆସନ ହାସଲ କରିଛି ।

## ଭି.ପି.

ଉପରାଷ୍ଟ୍ରପତି ଜଗଦୀପ ଧନଖଡ୍ ଆଜି କହିଛନ୍ତି, ଭାରତୀୟ ଇତିହାସ ପୁସ୍ତକରେ ଆମର ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ଉପଯୁକ୍ତ ସମ୍ମାନ ଦିଆଯାଇ ନାହିଁ । ନୂଆଦିଲ୍ଲୀରେ ଆଜି ସ୍ୱାଧୀନତା ସଂଗ୍ରାମୀ ତଥା ସମାଜ ସଂସ୍କାରକ ରାଜା ମହେନ୍ଦ୍ର ପ୍ରତାପଙ୍କ ୧୩୮ତମ ଜୟନ୍ତୀ ଅବସରରେ ଶ୍ରୀ ଧନଖଡ କହିଛନ୍ତି, ଏହା ଦେଶର ନୈତିକତା ପ୍ରତି ଆଞ୍ଚ୍ ଆଣିଛି । ଦେଶ ସ୍ୱାଧୀନତାର ମୂଳଦୁଆ ରାଜା ମହେନ୍ଦ୍ର ପ୍ରତାପ ସିଂହ ଏବଂ ଅନ୍ୟାନ୍ୟ ସ୍ୱାଧୀନତା ସଂଗ୍ରାମୀଙ୍କ ବଳିଷ୍ଠ ତ୍ୟାଗ ଏବଂ ବଳିଦାନ ଉପରେ ପ୍ରତିଷ୍ଠିତ । ରାଜା ମହେନ୍ଦ୍ର ପ୍ରତାପ ଜଣେ କୂଟନୀତିଜ୍ଞ, ରାଷ୍ଟ୍ରନୀତିଜ୍ଞ, ଦୂରଦୃଷ୍ଟସମ୍ପନ୍ନ ଏବଂ ଜାତୀୟତାବାଦୀ ନେତା ଥିଲେ । ଇତିହାସ ପୁସ୍ତକରେ ସେମାନଙ୍କର ତ୍ୟାଗ ଓ ବଳିଦାନ ଉପରେ ଉଲ୍ଲେଖ ନ ଥିବାରୁ ଶ୍ରୀ ଧନଖଡ ଉଦ୍‌ବେଗ ପ୍ରକାଶ କରିଛନ୍ତି ।

## ବି.ଏସ୍.ଏଫ୍. - ଅମିତ ଶାହା

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଆଜି ସୀମା ସୁରକ୍ଷା ବାହିନୀ ପ୍ରତିଷ୍ଠା ଦିବସ ଅବସରରେ ବାହିନୀର କର୍ମଚାରୀ ଏବଂ ସେମାନଙ୍କର ପରିବାରବର୍ଗଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ମନ୍ତ୍ରୀ ଶ୍ରୀ ଶାହା କହିଛନ୍ତି, ଦେଶର ସୁରକ୍ଷା ଏବଂ ସମ୍ମାନକୁ ବଜାୟ ରଖିବା ଦିଗରେ ବି.ଏସ୍.ଏଫ୍. ଯବାନମାନେ ସଙ୍କଳ୍ପବଦ୍ଧ ଭାବେ କାର୍ଯ୍ୟ କରିଥା'ନ୍ତି । ସେମାନଙ୍କର ତ୍ୟାଗ ଏବଂ ବଳିଦାନ ଦେଶବାସୀଙ୍କୁ ପ୍ରୋତ୍ସାହନ ଯୋଗାଇ ଦେବା ସହ ସମସ୍ତଙ୍କ ମନ ଭିତରେ ଜାତୀୟତାବୋଧର ଉଦ୍ରେକ କରିଥାଏ । କର୍ତ୍ତବ୍ୟ ସମ୍ପାଦନବେଳେ ଦେଶପାଇଁ ପ୍ରାଣବଳୀ ଦେଇଥିବା ସେହି ବୀର ଯବାନମାନଙ୍କ ପ୍ରତି କେନ୍ଦ୍ରମନ୍ତ୍ରୀ ଶ୍ରୀ ଶାହା ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ ।

## ଡି.ଏଲ୍.ସି. - କ୍ୟାମ୍ପେନ୍

କାର୍ମିକ, ସାଧାରଣ ଅଭିଯୋଗ ଏବଂ ପେନ୍‌ସନ୍ ମନ୍ତ୍ରଣାଳୟ ପକ୍ଷରୁ ଗତକାଲି ଶେଷ ହୋଇଥିବା ଡିଜିଟାଲ୍ ଲାଇଫ୍ ସାର୍ଟିଫିକେଟ୍ ଅଭିଯାନ-ଡି.ଏଲ୍.ସି.-୩.୦ ଅବଧି ମଧ୍ୟରେ ମୋଟ୍ ୧ କୋଟି ୩୦ ଲକ୍ଷ ଡିଜିଟାଲ୍ ଲାଇଫ୍ ସାର୍ଟିଫିକେଟ୍ ହୋଇପାରିଛି ବୋଲି ସୂଚନା ଦିଆଯାଇଛି । ବରିଷ୍ଠ

ପେନ୍‌ସନ୍‌ଭୋଗୀଙ୍କର ଡିଜିଟାଲ୍ ଲାଇଫ୍ ସାର୍ଟିଫିକେଟ୍ ପ୍ରଦାନ କାର୍ଯ୍ୟର ସରଳୀକରଣ କରିବା ଲାଗି ଗତମାସ ପହିଲାରେ ଡି.ଏଲ୍.ସି. ଅଭିଯାନ ଆରମ୍ଭ କରାଯାଇଥିଲା । ଦେଶରେ ପେନ୍‌ସନ୍‌ଭୋଗୀ କଲ୍ୟାଣ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବା ଲକ୍ଷ୍ୟରେ Face Authentication ପ୍ରଯୁକ୍ତିବିଦ୍ୟା ମାଧ୍ୟମରେ ୩୯ ଲକ୍ଷ ଡି.ଏଲ୍.ସି. କରାଯାଇ ପାରିଥିଲା । ଦେଶର ୮୦୦ରୁ ଊର୍ଦ୍ଧ୍ୱ ସହର ଏବଂ ଜିଲ୍ଲାରେ ୧୮ ଶହଟି ଶିବିର କରାଯାଇ ଏହି ଅଭିଯାନ ଚାଲୁ ରହିଥିଲା । ବରିଷ୍ଠ ନାଗରିକଙ୍କ ଜୀବନଶୈଳୀକୁ ସହଜ ଓ ସରଳ କରିବାପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପ୍ରଚେଷ୍ଟାରେ ଏହି ପଦକ୍ଷେପ ଗ୍ରହଣ କରାଯାଇଥିଲା । ଗତମାସ ୨୪ ତାରିଖରେ ମନ୍ କୀ ବାତ୍ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ବରିଷ୍ଠ ନାଗରିକମାନଙ୍କୁ ଘରେ ରହି ଡି.ଏଲ୍.ସି. ଦାଖଲ କରିବାପାଇଁ ପ୍ରକ୍ରିୟା ସୁବ୍ୟବସ୍ଥିତ ହୋଇପାରିଥିବାରୁ ଏହାର ପ୍ରଶଂସା କରିଥିଲେ ।

## ୱାର୍ଲଡ୍ ଏଡ୍‌ସ ଡେ

ଆଜି ବିଶ୍ୱ ଏଡ୍‌ସ ଦିବସ ଅବସରରେ ଦେଶର ବିଭିନ୍ନ ସ୍ଥାନରେ ଏଡ୍‌ସ୍ ସଚେତନତା ନେଇ କାର୍ଯ୍ୟକ୍ରମମାନ ଆୟୋଜନ କରାଯାଇଛି । କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଜଗତ୍ ପ୍ରସାଦ ନଡ୍ଡା ଜନସାଧାରଣଙ୍କୁ ଏଚ୍.ଆଇ.ଭି. ସଂକ୍ରମିତ ଲୋକଙ୍କ ପ୍ରତି ସମ୍ବେଦନଶୀଳ ହେବାପାଇଁ

ନିବେଦନ କରିଛନ୍ତି । ମଧ୍ୟପ୍ରଦେଶର ଇନ୍ଦୋରଠାରେ ଆୟୋଜିତ ବିଶ୍ୱ ଏଡ୍ସ୍ ଦିବସ ପାଳନ କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇ ଶ୍ରୀ ନଡ୍ଡା କହିଛନ୍ତି, ଏଚ୍.ଆଇ.ଭି. ସୁରକ୍ଷା ଆଇନ, ୨୦୧୭ ଜରିଆରେ ସଂକ୍ରମିତ ଲୋକଙ୍କ ସହ କୌଣସି ପ୍ରକାର ଭେଦଭାବ ରୋକିବା ନିମନ୍ତେ କେନ୍ଦ୍ର ସରକାର ବିଭିନ୍ନ ସ୍ତରରେ କାର୍ଯ୍ୟ କରୁଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ ସରକାର ଏଚ୍.ଆଇ.ଭି. ପରୀକ୍ଷା, ଏବଂ ଏ ସମ୍ପର୍କିତ ନୀତି କାର୍ଯ୍ୟକାରୀ କରିବାପାଇଁ ପଦକ୍ଷେପ ଗ୍ରହଣ କରିଛନ୍ତି । ଫଳରେ ଦେଶରେ ଏଡ୍ସ ମୃତ୍ୟୁସଂଖ୍ୟା ୭୯ ପ୍ରତିଶତ ହ୍ରାସ ପାଇଛି ।  ନୂତନ ଏଡ୍ସ ସଂକ୍ରମଣ ରୋଗୀଙ୍କ ସଂଖ୍ୟା ମଧ୍ୟ ୪୪ ପ୍ରତିଶତ କମ୍ ହୋଇଛି ବୋଲି ସେ କହିଛନ୍ତି । ଏଡ୍ସ ଦୂରୀକରଣ ପାଇଁ ଦେଶରେ ସୁଲଭ ଦରରେ ଏବଂ ପ୍ରଭାବୀ ଔଷଧ ପ୍ରସ୍ତୁତ ହୋଇପାରିଛି । ଦେଶରେ ପ୍ରାୟ ୧୭ ଲକ୍ଷ ୩୦ ହଜାର ଏଡ୍ସ ସଂକ୍ରମିତ ଲୋକଙ୍କ ମଧ୍ୟରୁ ୯୫ ପ୍ରତିଶତ ବ୍ୟକ୍ତିବିଶେଷଙ୍କ ଚିହ୍ନଟ କରାଯାଇ ଚିକିତ୍ସା ଜାରି ରହିଛି ବୋଲି ସେ କହିଛନ୍ତି । ୨୦୩୦ ମସିହା ସୁଦ୍ଧା ଭାରତ ଏଡ୍ସ ମୁକ୍ତ ରାଷ୍ଟ୍ର ହୋଇପାରିବ ବୋଲି ଶ୍ରୀ ନଡ୍ଡା ଆଶା ପ୍ରକାଶ କରିଛନ୍ତି । ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ଡକ୍ଟର ମୋହନ ଯାଦବ କାର୍ଯ୍ୟକ୍ରମରେ ଯୋଗଦେଇ ଏଡ୍ସ ରୋଗ ପ୍ରତି ଭୟଭୀତ ହେବ; କିନ୍ତୁ ରୋଗୀଙ୍କ ପ୍ରତି ନୁହେଁ ବୋଲି ଡକ୍ଟର ଯାଦବ କହିଛନ୍ତି ।

# ମହା - ଏକ୍ ଭାରତ ଶ୍ରେଷ୍ଠ ଭାରତ

କେନ୍ଦ୍ର ସରକାରଙ୍କ 'ଏକ ଭାରତ, ଶ୍ରେଷ୍ଠ ଭାରତ' କାର୍ଯ୍ୟକ୍ରମର ଅଂଶବିଶେଷ ଭାବେ ଆଜି ମୁମ୍ବାଇର ରାଜଭବନଠାରେ ମହାରାଷ୍ଟ୍ର ରାଜ୍ୟପାଳ ସି.ପି. ରାଧାକ୍ରିଷ୍ଣନ୍ ଅଧ୍ୟକ୍ଷତାରେ ନାଗାଲାଣ୍ଡ ଏବଂ ଆସାମର ରାଜ୍ୟ ପ୍ରତିଷ୍ଠା ଦିବସର ମିଳିତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ନାଗାଲାଣ୍ଡର ଆଜି ପ୍ରତିଷ୍ଠା ଦିବସ ହୋଇଥିବାବେଳେ ଆସାମର ଆସନ୍ତାକାଲି ରାଜ୍ୟ ପ୍ରତିଷ୍ଠା ଦିବସ । ରାଜ୍ୟ ପ୍ରତିଷ୍ଠା ଦିବସ ଅବସରରେ ନାଗାଲାଣ୍ଡ ଓ ଆସାମବାସୀଙ୍କୁ ଶୁଭେଚ୍ଛା ଜଣାଇ ରାଜ୍ୟପାଳ ଶ୍ରୀ ରାଧାକ୍ରିଷ୍ଣନ୍ କହିଛନ୍ତି, ଉଭୟ ରାଜ୍ୟ ଶିକ୍ଷା, ନିଯୁକ୍ତି ଏବଂ ପର୍ଯ୍ୟଟନ କ୍ଷେତ୍ରରେ ଅଭୂତପୂର୍ବ ସଫଳତା ହାସଲ କରିଛନ୍ତି । ଉଭୟ ରାଜ୍ୟ ପ୍ରାକୃତିକ ସୌନ୍ଦର୍ଯ୍ୟ ଏବଂ ପ୍ରାକୃତିକ ସମ୍ପଦରେ ଭରପୂର । ସେମାନଙ୍କର ପ୍ରଗତି' ସମଗ୍ର ଦେଶର ବିକାଶକୁ ତ୍ୱରାନ୍ୱିତ କରିଥାଏ । ଉଭୟ ରାଜ୍ୟବାସୀଙ୍କୁ ପ୍ରଶଂସା କରି ରାଜ୍ୟପାଳ ମହାରାଷ୍ଟ୍ରବାସୀଙ୍କୁ ନାଗାଲାଣ୍ଡ ଓ ଆସାମକୁ ପର୍ଯ୍ୟଟନରେ ଯିବାପାଇଁ ପ୍ରୋତ୍ସାହିତ କରିଥିଲେ ଏବଂ ସେମାନଙ୍କ ସଂସ୍କୃତି ସହ ଯୋଡ଼ିହେବାପାଇଁ ପରାମର୍ଶ ଦେଇଥିଲେ । ଏହା ରାଜ୍ୟଗୁଡ଼ିକ ମଧ୍ୟରେ ବନ୍ଧୁତ୍ୱ ଏବଂ ଏକତାକୁ ତ୍ୱରାନ୍ୱିତ କରିବାରେ ସହାୟକ ହେବ, ଯାହାକି ଜାତୀୟ ସଂହତିପାଇଁ ଗୁରୁତ୍ୱପୂର୍ଣ୍ଣ ବୋଲି ଶ୍ରୀ ରାଧାକ୍ରିଷ୍ଣନ୍ କହିଛନ୍ତି ।

# ଆଇ.ସି.ସି. - ଶାହା

ବି.ସି.ସି.ଆଇ.ର ପୂର୍ବତନ ସମ୍ପାଦକ ଜୟ ଶାହା ଆଜି ଅନ୍ତର୍ଜାତୀୟ କ୍ରିକେଟ ପରିଷଦ - ଆଇ.ସି.ସି.ର ଅଧ୍ୟକ୍ଷ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି । ସେ ପଞ୍ଚମ ଭାରତୀୟ ଭାବେ ପଦଭାର ଗ୍ରହଣ କରିଛନ୍ତି । ୩୬ ବର୍ଷୀୟ ଶ୍ରୀ ଶାହା ଗତ ୫ ବର୍ଷ ଧରି ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ୍ ବୋଡ଼ର ସମ୍ପାଦକ ଭାବେ ଦାୟିତ୍ୱ ତୁଲାଇ ଆସୁଥିଲେ । ଶ୍ରୀ ଶାହାଙ୍କ ପୂର୍ବରୁ ନ୍ୟୁଜିଲାଣ୍ଡର ଆଟର୍ଣ୍ଣି ଗ୍ରେଗ୍ ବାର୍ସଲେ ଆଇ.ସି.ସି.ର ଅଧ୍ୟକ୍ଷ ଥିଲେ । ଶ୍ରୀ ଶାହା ତାଙ୍କର ଉଦ୍‌ଘାଟନୀ ଅଭିଭାଷଣରେ କହିଛନ୍ତି, ଲସ୍ ଆଞ୍ଜେଲ୍‌ସଠାରେ ହେବାକୁ ଥିବା ୨୦୨୮ ଅଲିମ୍ପିକ୍ସ ଗେମ୍‌ସରେ କ୍ରିକେଟ୍‌କୁ ସାମିଲ୍ କରିବା ନେଇ ପଦକ୍ଷେପ ଗ୍ରହଣ କରାଯିବ । ସେହିପରି ମହିଳା କ୍ରୀଡ଼ା ଅଭିବୃଦ୍ଧି ଉପରେ ପ୍ରାଧାନ୍ୟ ଦିଆଯିବ ବୋଲି ଶ୍ରୀ ଶାହା କହିଛନ୍ତି ।**ବ୍ୟାଡ୍‌ମିଣ୍ଟନ**

ଲକ୍ଷ୍ନୌଠାରେ ଚାଲିଥିବା ସୟଦ ମୋଦି ଆନ୍ତର୍ଜାତୀୟ ଟୁର୍ଣ୍ଣାମେଣ୍ଟରେ ଆଜି ଭାରତୀୟ ବ୍ୟାଡ୍‌ମିଣ୍ଟନ ଖେଳାଳି ପି.ଭି. ସିନ୍ଧୁ ଏବଂ ଲକ୍ଷ୍ୟ ସେନ୍ ଏକକ ଚାମ୍ପିୟନ୍ ହୋଇଛନ୍ତି । ପି.ଭି. ସିନ୍ଧୁ' ଚୀନ୍‌ର ପ୍ରତିଯୋଗୀ ଉ ଲୁଓ ୟୁ'ଙ୍କୁ ୨୧-୧୪, ୨୧-୧୬ ସେଟ୍‌ରେ ହରାଇ ମହିଳା ସିଙ୍ଗଲ୍‌ସ୍ ଟାଇଟଲ୍ ହାସଲ କରିଛନ୍ତି ।

ସେହିପରି ଲକ୍ଷ୍ୟ ସେନ୍ ସିଙ୍ଗାପୁରର ପ୍ରତିଯୋଗୀ ଜିଆ ହେଙ୍ଗ୍ ଯାସୋନ୍ ତେହ୍'ଙ୍କୁ ୨୧-୬, ୨୧-୭ ସେଟ୍‌ରେ ପରାସ୍ତ କରି ପୁରୁଷ ସିଙ୍ଗଲ୍‌ସ ଟାଇଟଲ୍ ହାସଲ କରିଛନ୍ତି ।

ଭାରତୀୟ ଖେଳାଳି ତ୍ରିଶା ଜୋଲି ଏବଂ ଗାୟତ୍ରୀ ଗୋପୀଚାନ୍ଦଙ୍କ ଯୋଡ଼ି ମହିଳା ଡବଲସ୍ ଟାଇଟଲ୍ ବିଜୟୀ ହୋଇଛନ୍ତି । ଏହି ଭାରତୀୟ ଯୋଡ଼ି ଚୀନ୍‌ର ବାଓ ଲି ଜିଙ୍ଗ୍ ଏବଂ ଲି ଜିଆନ୍ ଯୋଡ଼ିଙ୍କୁ ୨୧-୧୮, ୨୧-୧୧ ସେଟ୍‌ରେ ପରାସ୍ତ କରି ଏହି ସଫଳତା ହାସଲ କରିଛନ୍ତି ।

*****